# NATIONAL NEWS BULLETIN (ODIA)
## 25 February - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦୁଇ ଦିନିଆ ଇସ୍ରାଏଲ୍ ଗସ୍ତରେ ଯାଇ ଆଜି ଅପରାହ୍ଣରେ ତେଲ୍ ଆବିଭ୍‌ରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

– ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ ଜଣାଇଲେ ତାଙ୍କ ଇସ୍ରାଏଲ୍ ପ୍ରତିପକ୍ଷ ।

- ଆୟୁଷ ପଦ୍ଧତି କେବଳ ରୋଗଗୁଡ଼ିକର ଚିକିତ୍ସା ଲାଗି ଉଦ୍ଦିଷ୍ଟ ନୁହେଁ ବରଂ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରିଚାଳନାର ବିଜ୍ଞାନ ବୋଲି ମତବ୍ୟକ୍ତ କଲେ ରାଷ୍ଟ୍ରପତି ।

- ପି.ଏମ୍. ଇ-ଡ୍ରାଇଭ୍ ଯୋଜନା ଅଧୀନରେ ଚଳିତ ମାସରେ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଯାନ ହୋଇଛି ବିକ୍ରୟ ।

ଏବଂ

- ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟସ୍ ଜିତି ଶ୍ରୀଲଙ୍କାର ଫିଲ୍ଡିଂ ନିଷ୍ପତ୍ତି ।

# ପିଏମ୍-ଇସ୍ରାଏଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ଇସ୍ରାଏଲ୍ ଗସ୍ତରେ ଯାଇ ଆଜି ଅପରାହ୍ଣରେ ତେଲ୍ ଆବିଭ୍ ଠାରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ତାଙ୍କ ପତ୍ନୀ ସାରା ନେତାନ୍ୟାହୁ ଶ୍ରୀ ମୋଦୀଙ୍କୁ ସ୍ୱାଗତ ଜଣାଇଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ଶ୍ରୀ ମୋଦୀ ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ଦମ୍ପତ୍ତିଙ୍କ ଦ୍ୱାରା ବିମାନ ବନ୍ଦରଠାରେ ତାଙ୍କର ଭବ୍ୟ ସ୍ୱାଗତ ଲାଗି କୃତଜ୍ଞତା ଜଣାଇଛନ୍ତି । ଭାରତ-ଇସ୍ରାଏଲ୍ ବନ୍ଧୁତ୍ୱକୁ ଅଧିକ ସଶକ୍ତ କରିବା ଲାଗି ସେ ତାଙ୍କ ଇସ୍ରାଏଲ୍ ପ୍ରତିପକ୍ଷଙ୍କ ସହ ଫଳପ୍ରଦ ଦ୍ୱିପକ୍ଷିୟ ଆଲୋଚନା କରିବା ଲାଗି ଆଗ୍ରହୀ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସେଠାରେ ଗାର୍ଡ଼ ଅଫ୍ ଅନର୍ ପ୍ରଦାନ କରାଯାଇଛି । ପରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ତାଙ୍କୁ ସ୍ୱାଗତ କରାଯାଇଛି । ଏହାଛଡ଼ା ଭାରତ ଓ ଇସ୍ରାଏଲ୍ କଳାକାରଙ୍କ ଦ୍ୱାରା କୁଚିପୁଡ଼ି, ଓଡ଼ିଶୀ, କେରଳର ପାମ୍ପରିକ ନୃତ୍ୟ ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଶ୍ରୀ ମୋଦୀଙ୍କୁ ଅଭିନନ୍ଦନ କରାଯାଇଛି ।

ଏହି ଗସ୍ତ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କୁହାଯାଇଛି, ଗତ ୯ ବର୍ଷ ଭିତରେ ଏହା ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର  ଦ୍ୱିତୀୟ ଇସ୍ରାଏଲ୍ ଗସ୍ତ । ଇତିମଧ୍ୟରେ ଶ୍ରୀ ମୋଦୀ ତେଲ ଆବିଭ୍‌ଠାରେ ତାଙ୍କ ପ୍ରତିପକ୍ଷ ଶ୍ରୀ ନେତାନ୍ୟାହୁଙ୍କ ସହ ଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ପରେ ସେ ଜେରୁଜେଲମ୍‌ଠାରେ ଇସ୍ରାଏଲ୍‌ର ସଂସଦ ନେସେଟ୍‌ରେ ଆଜି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ବିଭିନ୍ନ ରଣନୈତିକ ତଥା ବୈଷୟିକ କ୍ଷେତ୍ର, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ନବସୃଜନ, ପ୍ରତିରକ୍ଷା ଓ କୃଷି ଭଳି ପ୍ରମୁଖ କ୍ଷେତ୍ରରେ ଇସ୍ରାଏଲ୍ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ରହି ଆସିଛି ।

## ପ୍ରେଜ୍-ମହାରାଷ୍ଟ୍ର

ଆୟୁର୍ବେଦ, ଯୋଗ ଏବଂ ଅନ୍ୟାନ୍ୟ ଆୟୁଷ ପଦ୍ଧତି କେବଳ ରୋଗଗୁଡ଼ିକର ଚିକିତ୍ସା ଲାଗି ଉଦ୍ଦିଷ୍ଟ ନୁହେଁ ବରଂ ଏହା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରିଚାଳନାର ବିଜ୍ଞାନ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । ଆଜି ମହାରାଷ୍ଟ୍ରର ବୁଲଧାନା ଜିଲ୍ଲା ଅନ୍ତର୍ଗତ ସେଗାଓଁ ଠାରେ ଆୟୋଜିତ ଜାତୀୟ ଆରୋଗ୍ୟ ମେଳାର ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ପ୍ରତ୍ୟେକ ମଣିଷ ଲାଗି ଖାଦ୍ୟ ପାନୀୟ, ଦୈନିକ ତଥା ଋତୁଗତ ଅଭ୍ୟାସ ଏବଂ ରୋଗ ପ୍ରତିରୋଧକ ସମ୍ପର୍କରେ

ଆୟୁର୍ବେଦ ମାଧ୍ୟମରେ ବୈଜ୍ଞାନିକ ପଦ୍ଧତିରେ ପରାମର୍ଶ ପ୍ରଦାନ କରାଯାଇଥାଏ ।

ପ୍ରତିଷେଧକ ବ୍ୟବସ୍ଥା, ଆରୋଗ୍ୟଠାରୁ ହିତକର ବୋଲି ବିଶ୍ୱସ୍ତରରେ ପ୍ରଚଳିତ ତଥ୍ୟ ଉପରେ ଗୁରୁତ୍ୱାରୋପ କରି ଶ୍ରୀମତୀ ମୁର୍ମୁ କହିଛନ୍ତି, ପ୍ରତିଷେଧକ ବ୍ୟବସ୍ଥା ମାଧ୍ୟମରେ କେବଳ ବ୍ୟକ୍ତିଗତ ସ୍ତରରେ ରୋଗରୁ ରକ୍ଷା କରାଯାଏ ନାହିଁ ବରଂ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରୁ ମଧ୍ୟ ବୋଝ ହ୍ରାସ ପାଇଥାଏ । ତେଣୁ ନିୟମିତ ବ୍ୟାୟାମ, ଉତ୍ତମ ଖାଦ୍ୟ ସନ୍ତୁଳିତ ଜୀବନଶୈଳୀ ଭଳି ପ୍ରତିଷେଧକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥାଏ ବୋଲି ସେ କହିଛନ୍ତି ।

ଯୋଗର ସକାରାତ୍ମକ ଦିଗ ଉପରେ ଆଲୋକପାତ କରି ରାଷ୍ଟ୍ରପତି ଏକ ଚାପମୁକ୍ତ ତଥା ସୁସ୍ଥ ଜୀବନଶୈଳୀ ମାଧ୍ୟମରେ ବଞ୍ଚିବାକୁ ହେଲେ ଯୋଗକୁ ନିୟମିତ ଭାବେ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି ।

## VO-1-DROPDI-MURMU--YOG

ଆୟୁଷ ବ୍ୟବସ୍ଥାରେ ଥିବା ଔଷଧ ମାଧ୍ୟମରେ କିଭଳି ସୁସ୍ଥ ଜୀବନଜାପନ କରାଯାଇ ପାରିବ ସେ ଦିଗରେ ଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ଆୟୁଷ କ୍ଷେତ୍ରରେ ଏମ୍.ଏସ୍.ଏମ୍.ଇ. ଏବଂ ଷ୍ଟାର୍ଟଅପ୍ ଗୁଡ଼ିକ ମାଧ୍ୟମରେ କିଭଳି ଔଷଧ ଉତ୍ପାଦନ କରାଯିବା ସହିତ ରପ୍ତାନୀ କରାଯିବ ସେ ଦିଗରେ ମଧ୍ୟ ସରକାର ଆବଶ୍ୟକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ବୋଲି ରାଷ୍ଟ୍ରପତି

ମତବ୍ୟକ୍ତ କରିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ଔଷଧୀୟ ବୃକ୍ଷ ଚାଷ ଦ୍ୱାରା ସମ୍ପୃକ୍ତ ଚାଷୀଙ୍କର ଆର୍ଥିକ ଅବସ୍ଥାରେ ଉନ୍ନିତ ଆସିବା ସହ ମୃତ୍ତିକା ମଧ୍ୟ ଅଧିକ ଉର୍ବର ହୋଇଥାଏ । ଆୟୁଷ କ୍ଷେତ୍ରକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଗତ ଏକ ଦଶନ୍ଧି ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ଏମସ୍ ଗୁଡ଼ିକରେ ଆୟୁଷ ଚିକିତ୍ସା ପଦ୍ଧତିକୁ ସାମିଲ କରାଯାଇଛି । ଏ ସମ୍ପର୍କରେ ଅଧିକ ଆଲୋକପାତ କରି ରାଷ୍ଟ୍ରପତି କହିଛନ୍ତି :

**VO-2-DROUPDI---AIIMS**

ଆୟୁଷ ମନ୍ତ୍ରଣାଳୟ ଏବଂ ସର୍ବଭାରତୀୟ ଆୟୁର୍ବେଦିକ କଂଗ୍ରେସ ସହଯୋଗରେ ଆୟୋଜିତ ଏହି ଚାରିଦିନିଆ ଜାତୀୟ ମେଳାରେ କେନ୍ଦ୍ର ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ଆୟୁଷ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଭେଷଜ ବିଶେଷଜ୍ଞମାନଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିଛନ୍ତି ।

# କୁମାରସ୍ୱାମୀ-ଇଭି

ପି.ଏମ୍. ଇ-ଡ୍ରାଇଭ୍ ଯୋଜନା ଅଧୀନରେ ଚଳିତ ମାସରେ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଯାନ ବିକ୍ରୟ ହୋଇଛି । କେନ୍ଦ୍ର ଭାରିଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାର ସ୍ୱାମୀ ଆଜି ଏହି ସୂଚନା ଦେଇଛନ୍ତି । ନୂଆଦିଲ୍ଲୀଠାରେ

ଫିକିର ବିଦ୍ୟୁତ୍ ଯାନ ସମ୍ପର୍କିତ ତୃତୀୟ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ  ଶ୍ରୀ କୁମାର ସ୍ୱାମୀ ଏହା କହିଛନ୍ତି । ସେ କହିଛନ୍ତି, ଏହି ସମୟ ମଧ୍ୟରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଚାଳିତ ଦୁଇ ଚକିଆ ଏବଂ ପ୍ରାୟ ୩ ଲକ୍ଷ ୩ ଚକିଆ ଯାନ ବିକ୍ରୟ ହୋଇଛି । ଏତଦ୍ ବ୍ୟତୀତ ସାଧାରଣ ଯାତାୟତ ବ୍ୟବସ୍ଥାକୁ ବୈଦ୍ୟୁତିକରଣ କରିବା ଦିଗରେ ସରକାରଙ୍କ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ଦେଶର ପ୍ରମୁଖ ସହରଗୁଡ଼ିକରେ ୧୪ ହଜାରରୁ ଊର୍ଦ୍ଧ୍ୱ ବୈଦ୍ୟୁତିକ ବସ୍ ଚଳାଚଳ କରୁଛି ।

ଶ୍ରୀ କୁମାରସ୍ୱାମୀ କହିଛନ୍ତି, ଏହି ପଦକ୍ଷେପ ମାଧ୍ୟମରେ ଅନୁକୂଳ ଜଳବାୟୁ ପରିବେଶ ସୃଷ୍ଟି ହେବା ସହିତ ସହରାଞ୍ଚଳରେ ବାୟୁର ଉନ୍ନତ ମାନ ବଜାୟ ରହିପାରୁଛି । ସେହିଭଳି ଏ କ୍ଷେତ୍ରରେ ସ୍ୱଦେଶୀ ଉତ୍ପାଦନ ନୀତି ସଫଳତା ସହ କାର୍ଯ୍ୟକାରି କରାଯାଇପାରିଛି । ୟୁରୋପୀୟ ସଂଘ, ଅଷ୍ଟ୍ରେଲିଆ ଓ ସଂଯୁକ୍ତ ଆରବ ଏମିରେଟସ୍ ସହିତ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ପରେ ବୈଦ୍ୟୁତିକ ଯାନ ଓ ଏହାର ଯନ୍ତ୍ରାଂଶ ଲାଗି ନୂତନ ପଥ ଉନ୍ମୁକ୍ତ ହୋଇପାରିଛି ବୋଲି ଶ୍ରୀ କୁମାର ସ୍ୱାମୀ କହିଛନ୍ତି ।

## ଗୋୟଲ-ଟକ୍ସ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ନୂଆଦିଲ୍ଲୀଠାରେ ଇସ୍ରାଏଲ୍ ପ୍ରତିନିଧିଙ୍କ ସହ ଭାରତ-ଇସ୍ରାଏଲ୍ ମୁକ୍ତ

ବାଣିଜ୍ୟ ରାଜିନାମା ଉପରେ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି, ଇସ୍ରାଏଲ୍ ପ୍ରତିନିଧିଙ୍କ ସହ ଏହି ଆଲୋଚନା ଫଳପ୍ରଦ ହୋଇଛି । ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ କାର୍ଯ୍ୟ କଳାପକୁ ଅଧିକ ସଶକ୍ତ କରିବା ଦିଗରେ ଇସ୍ରାଏଲ୍ ପକ୍ଷ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ବୋଲି ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି । ସେ କହିଛନ୍ତି, ବାଣିଜ୍ୟ, ନବସୃଜନ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ପକ୍ଷ ମିଳିତ ଭାବେ କାର୍ଯ୍ୟ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି ।

ଇସ୍ରାଏଲ୍ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ନିଜର ଏ ସମ୍ପର୍କିତ ଦୃଷ୍ଟିକୋଣ ଉପରେ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଥିବା ବେଳେ ନୂଆଦିଲ୍ଲୀ ଠାରେ ଇସ୍ରାଏଲ୍ ପ୍ରତିନିଧି ମଣ୍ଡଳୀ ସହ ଦୁଇ ଦେଶ ମଧ୍ୟରେ ଥିବା ମୁକ୍ତ ବାଣିଜ୍ୟ ରାଜିନାମା ସମ୍ପର୍କରେ ଆଲୋଚନା ଆଗେଇ ଚାଲିଛି ବୋଲି ଶ୍ରୀ ଗୋୟଲ କହିଛନ୍ତି ।

ଇସ୍ରାଏଲ୍ ପ୍ରତିନିଧି ମଣ୍ଡଳୀର ଭାରତରେ ଏ ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ ଇସ୍ରାଏଲ୍‌ର ଶିଳ୍ପ ମନ୍ତ୍ରୀ ନିର୍ ବାର୍କାତ୍‌ଙ୍କ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଦିଆଯାଇଥିବା ପୋଷ୍ଟର ଉତ୍ତରରେ ଶ୍ରୀ ଗୋୟଲ ଏହା ଉଲ୍ଲେଖ କରିଛନ୍ତି ।

## ରାଜନାଥ-ଆଇଏଫ୍‌ଏସ୍ ଅଫିସର୍

ଆତ୍ମନିର୍ଭର ଭାରତ ଅଧୀନରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ମାଧ୍ୟମରେ ଉଭୟ ସ୍ଥାନୀୟ ଉତ୍ପାଦନ ଏବଂ ରପ୍ତାନୀ ପରିମାଣକୁ ବୃଦ୍ଧି କରିବା ଦିଗରେ ସରକାର ପ୍ରତିବଦ୍ଧ । ଏହି ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଭାରତୀୟ କୂଟନୀତିଜ୍ଞଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଆଜି ନୂଆଦିଲ୍ଲୀର ସାଉଥ୍ ବ୍ଲକ୍ ସ୍ଥିତ ଭାରତୀୟ ବିଦେଶ ସେବାର ତାଲିମ୍ ନେଉଥିବା ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଭାରତ ଏକଦା ପ୍ରତିରକ୍ଷା ଯନ୍ତ୍ରାଂଶର ଏକ ସିଂହ ଭାଗ ଆମଦାନୀ କରୁଥିବା ବେଳେ ବର୍ତ୍ତମାନ ଉତ୍ପାଦନକାରୀ ହେବା ସହିତ ଏଗୁଡ଼ିକୁ ରପ୍ତାନୀ କରିବାରେ ସକ୍ଷମ ହୋଇପାରିଛି । ଦେଶର ସଭ୍ୟତାଗତ ମୂଲ୍ୟବୋଧକୁ ବଜାୟ ରଖିବା ସହ ବିକଶିତ ଭାରତ ଗଠନ ଲାଗି ବିଦେଶ ସେବା ଅଧିକାରୀମାନଙ୍କଠାରୁ ପ୍ରତିରକ୍ଷା ମନ୍ତ୍ରୀ ଏ ଦିଗରେ ନୂତନ ଚିନ୍ତାଧାରା ଆହ୍ୱାନ କରିଛନ୍ତି ।

## କ୍ରିକେଟ୍

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଆଜିକାର ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ

ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଛି । କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍‌ଠାରେ ଗ୍ରୁପ୍-୨ର ସୁପର୍-୮ ପର୍ଯ୍ୟାୟର ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଛି । ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ନ୍ୟୁଜିଲାଣ୍ଡ ୨ ଓଭରରେ କୌଣସି ୱିକେଟ୍ ନ ହରାଇ ୨୩ରନ୍ ସଂଗ୍ରହ କରିଛି ।